# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**8 July – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଆଷାଢ଼ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଆଜି ନୀଳାଦ୍ରି ବିଜେ କରୁଛନ୍ତି ଚତୁର୍ଦ୍ଧାମୂର୍ତ୍ତି
- ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି ଆସନ୍ତା ମାସରେ ହେବ; ସୂଚନା ଦେଲେ ଆଇନ୍‌ମନ୍ତ୍ରୀ
- ଚତୁର୍ଥ ଥର ପାଇଁ ମନମୋହନ ସାମଲ ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ

ଏବଂ

- ଲଘୁଚାପର ପ୍ରଭାବରେ ୨୦ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କ ସୂଚନା ଜାରି

# ନୀଳାଦ୍ରି ବିଜେ

ଘୋଷଯାତ୍ରାର ଶେଷପର୍ଯ୍ୟାୟରେ ଆଷାଢ଼ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉମାନଙ୍କର ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେଉଛି। ଆଜି ସକାଳୁ ୩ ରଥରେ ମଙ୍ଗଳ ଆଳତି, ମଇଲମ, ତଡପଲାଗି, ଅବକାଶ ପୂଜା, ଗୋପାଳବଲ୍ଲଭ, ମହାସ୍ନାନ ପୂଜା, ସର୍ବାଙ୍ଗ, ଦ୍ୱିପହର ଧୂପନୀତି ଏବଂ ସନ୍ଧ୍ୟା ଧୂପ ନୀତି ଶେଷ ହୋଇଛି। ଆଉ କିଛି ସମୟପରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରତ୍ନସିଂହାସନକୁ ବିଜେ କରାଯିବ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ନବଦିନାତ୍ମକ ଯାତ୍ରା ସାରି ଆଜି ନୀଳକନ୍ଦରକୁ ବିଜେ କରୁଛନ୍ତି ନୀଳାଦ୍ରି ନାଥ। ସନ୍ଧ୍ୟା ଧୂପ ନୀତି ଶେଷ ହୋଇଥିବାବେଳେ ଆଉ କିଛି ସମୟ ପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ବିଜେ ନୀତି ଆରମ୍ଭ କରାଯିବ। ଏହା ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ତିନି ରଥରେ ଚାରମାଳ ବନ୍ଧା କାର୍ଯ୍ୟ ସମାପ୍ତ ହୋଇଛି।

ରଥ ଚାରି ପାଖରେ ସ୍ୱତନ୍ତ୍ର କର୍ଡନ କରାଯାଇଥିବାବେଳେ ପୁଷ୍ପାଞ୍ଜଳି, ବନ୍ଦାପନା ଓ ଡୋରଲାଗି ଶେଷ ହୋଇ ବିଜେ କାହାଳି ବାଜିବା ପରେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀ ଘରକୁ ବିଜେ କରାଇବେ। ଏହାପରେ ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗମ୍ଭୀରାକୁ ବିଜେ କରାଯିବ। ପାଳିଆ ସେବକମାନଙ୍କ ଦ୍ୱାରା ରତ୍ନ ସିଂହାସନ

ସଜ୍ଜିତ କରାଯିବା ପରେ ସେବକ ସିଂହାସନ ମାର୍ଜନା ସହ ପୁଷ୍ପାଞ୍ଜଳି ଅର୍ପଣ କରାଯିବ। ନୀଳାଦ୍ରି ବିଜେ ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ଅପରାହ୍ଣ ୪ଟାରୁ ଆରମ୍ଭ ହୋଇଛି। ଏହା ରାତି ୧୦ଟାରେ ଶେଷ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ ସମୟରେ ଆଉ ମାନବୀୟ ଲୀଳାଖେଳା ଦେଖିବାକୁ ମିଳିବ।

ରଥଯାତ୍ରାରେ ମା' ଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନଥିବାରୁ ମହାପ୍ରମଭୁଙ୍କ ପହଣ୍ଡି ସମୟରେ ଅଭିମାନ କରି ମହାଲକ୍ଷ୍ମୀ ଦ୍ୱାର ବନ୍ଦ କରିଦେବେ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ସହ ପାଟବସ୍ତ୍ର ଦେଇ ମାନଭଞ୍ଜନ କରିବାର ପରମ୍ପରା ରହିଛି। ଏଥିସହ ୧୬ ଦିନ ପର୍ଯ୍ୟନ୍ତ ଗୁପ୍ତ ଗୁଣ୍ଡିଚା ଯାତ୍ରାରେ ନେବାକୁ ପ୍ରତିଶ୍ରୁତି ଦେବେ। କବାଟ ବନ୍ଦ ସମୟରେ ସ୍ୱତନ୍ତ୍ର ବଚନିକା ହେବା ସହ ପ୍ରତିଶ୍ରୁତି ମିଳିବା ପରେ କବାଟ ଖୋଲିବା ସହ ଶ୍ରୀମନ୍ଦିର ଭିତରକୁ ମହାପ୍ରଭୁ ପ୍ରବେଶ କରିବେ। ଆସନ୍ତାକାଲିଠାରୁ ପୁଣିଥରେ ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ମିଳିବ।

*ଆକାଶବାଣୀ ସମ୍ବାଦବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ*

## ଗଣତି ମଣତି

ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ସମାପ୍ତ ହୋଇଛି। ଆସନ୍ତା ମାସରେ ଗଣତି-ମଣତି ଆରମ୍ଭ ହେବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଗଣତି-ମଣତି ପାଇଁ ଦୁଇଜଣ ବିଶେଷଜ୍ଞଙ୍କୁ

ନିୟୋଜିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଚିଠି ଲେଖାଯିବ। ରତ୍ନ ଅଳଙ୍କାର ରଖିବା ପାଇଁ ନୂଆ ସିନ୍ଦୁକ ପ୍ରସ୍ତୁତ କରାଯାଇଛି। ଅଭିଜ୍ଞ ବଣିଆ ଚିହ୍ନଟ ପରେ ଉଚ୍ଚସ୍ତରୀୟ କମିଟି ବୈଠକରେ ଚୂଡାନ୍ତ ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମହାପ୍ରଭୁଙ୍କ ରଥଯାତ୍ରାର ସୁନାବେଶରେ ରତ୍ନଭଣ୍ଡାରର କୌଣସି ଅଳଙ୍କାର ବ୍ୟବହାର ହେବନାହିଁ। ନୂଆ ଅଳଙ୍କାର ପ୍ରସ୍ତୁତ ସହ ଭକ୍ତମାନଙ୍କୁ ସ୍ୱର୍ଣ୍ଣ ଦାନ ପାଇଁ ଅନୁରୋଧ କରାଯିବ ବୋଲି ଆଇନ୍‌ମନ୍ତ୍ରୀ କହିଛନ୍ତି.....

**- V/O -**

## ଉଦ୍ୟାନ କୃଷି ରଥ

ରାଜ୍ୟର ସହରାଞ୍ଚଳର ସବୁଜୀକରଣ ବୃଦ୍ଧି ପାଇଁ ଛାତ ଉପରେ ଉଦ୍ୟାନ ଏବଂ ସହରାଞ୍ଚଳ ଉଦ୍ୟାନ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟାନ କୃଷି ରଥକୁ ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି, ସୁସ୍ଥ ସହରୀ ଜୀବନଯାପନ ତଥା ସହରରେ ଅନୁକୂଳ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ରଥ ସଚେତନତା ସୃଷ୍ଟି କରିବ। ଏକ ମାସରୁ ଅଧିକ ସମୟ ଧରି ସଚେତନତା ରଥ ଭୁବନେଶ୍ୱର ଓ କଟକର ବିଭିନ୍ନ ସହରାଞ୍ଚଳରେ ଆବାସିକ, ଶିକ୍ଷାନୁଷ୍ଠାନ ଏବଂ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ସଚେତନ କରାଇବ। ଏହାସହ  କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ ଘର ଏବଂ ଆନୁଷ୍ଠାନିକ କୋଠାରେ

ଉଦ୍ୟାନ ମାଧ୍ୟମରେ ସବୁଜୀମା ବୃଦ୍ଧି କରିବା ପାଇଁ ସହରବାସୀଙ୍କୁ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ମନମୋହନ ସାମଲ

ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ଭାବେ ଆଜି ମନମୋହନ ସାମଲଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି  ହେବା ପରେ ଭୁବନେଶ୍ୱରଠାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଦଳୀୟ କର୍ମୀ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ସାମଲ କହିଛନ୍ତି,ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ସହଯୋଗ ଯୋଗୁଁ ରାଜ୍ୟରେ ଦଳ ଏକାକୀ ସରକାର ଗଠନ କରିପାରିଛି। ସରକାର ଯେଉଁ ପଦକ୍ଷେପ ନେଉଛନ୍ତି, ଦଳ ତା'କୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରିବ। ରାଜ୍ୟ ସରକାରଙ୍କର ଏକବର୍ଷ ଶାସନ କାଳ ମଧ୍ୟରେ ରାଜ୍ୟକୁ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ମିଳିଛି।  ରାଜ୍ୟର ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଶ୍ରୀ ସାମଲ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

ମନମୋହନ ସାମଲ ପୂର୍ବରୁ ୧୯୯୯, ୨୦୦୧ ଏବଂ ୨୦୨୩ ମସିହାରେ ଦଳର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହିତ ନବନିର୍ବାଚିତ ୩୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ଆଜି ଘୋଷଣା କରାଯାଇଛି।

## ଡାଇରିଆ

**ଗଞ୍ଜାମ** ଜିଲ୍ଲା ଦିଗପହଣ୍ଡି ବ୍ଲକ୍‌ର ଉସ୍ତପଲ୍ଲୀ ଗ୍ରାମରେ ବ୍ୟାପିଥିବା ଡାଇରିଆ ରୋଗ ନିୟନ୍ତ୍ରଣାଧୀନ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି। ଡକ୍ଟର ମିଶ୍ର କହିଛନ୍ତି, ଉସ୍ତପଲ୍ଲୀ ଗ୍ରାମରେ ମୋଟ୍ ୧୧ ଜଣ ଡାଇରିଆ ଆକ୍ରନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ଚିକିତ୍ସା କରାଯାଉଛି। ସେଥିମଧ୍ୟରୁ ୫ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଡାଇରିଆରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ପ୍ରାଥମିତ ତଦନ୍ତ ପରେ ତାହା ଡାଇରିଆ ଜନିତ ନ ଥିବା ଜଣାପଡିଛି। ଡାଇରିଆର ମୁକାବିଲା ପାଇଁ କ୍ଷେତ୍ରସ୍ତରରେ ସଚେତନତା ବୃଦ୍ଧି ଏବଂ ବିଶୋଧନ କାର୍ଯ୍ୟକୁ ନିୟମିତ ଜାରି ରଖିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ବନ ମହୋତ୍ସବ

**ଭଦ୍ରକ** ଜିଲ୍ଲା ଓଲଙ୍ଗ ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ 'ମା' ପାଇଁ ଗଛଟିଏ' ଅଭିଯାନ ଅଧୀନରେ ଚାରା ରୋପଣ କରିଥିଲେ।

## ଜାତୀୟ ସ୍ତରୀୟ ପ୍ରଶିକ୍ଷଣ

**ସମ୍ବଲପୁର** ମହାନଗର ନିଗମ ସମ୍ମିଳନୀ କକ୍ଷରେ ଆଜି ବୁଥ୍‌ସ୍ତରୀୟ ଅଧିକାରୀ-ବିଏଲ୍‌ଓଙ୍କ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ସମ୍ପର୍କିତ ବିଭିନ୍ନ ନିୟମାବଳୀ ଓ ବିଏଲ୍‌ଓଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ନୀଳାଦ୍ରି ବିଜେ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେଉଛି ।

**ସୁବର୍ଣ୍ଣପୁର** ଜିଲ୍ଲାର କୋଟସମଲାଇସ୍ଥିତ ପାତାଳୀଶ୍ରୀକ୍ଷେତ୍ରରେ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହୋଇଯାଇଛି । ନବଦିନାତ୍ମକ ରଥଯାତ୍ରା ସମ୍ପନ୍ନ କରି ୩ ଠାକୁର ଶ୍ରୀମନ୍ଦିରକୁ ବିଜେ କରିଛନ୍ତି ।

ସେହିପରି **ଗଜପତି** ଜିଲ୍ଲାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ନୀତି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ।

**ନୟାଗଡ଼** ଜିଲ୍ଲାର ରଣପୁରଠାରେ ଶ୍ରୀଜଗନ୍ନାଥ ନବଦିନ ଯାତ୍ରା ଶେଷକରି ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରତ୍ନ ସିଂହାସନକୁ ଫେରିଛନ୍ତି ।

**କେନ୍ଦ୍ରାପଡ଼ା**ସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ସନ୍ଧ୍ୟା ୭ଟାରୁ ଶ୍ରୀଜୀଉଙ୍କ ଅଧରପଣା ନୀତି, ଚାହାଁଣୀ ମଣ୍ଡପରେ ମହାଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ଭେଟ ହେବାର ପରମ୍ପରା ପାଳନ କରାଯିବ । ପରେ ବିଳମ୍ବିତ ରାତିରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ରସଗୋଲା ଦିବସ

ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରା ସହିତ ରସଗୋଲାର ବିଶେଷ ମହତ୍ତ୍ୱ ରହିଛି । ଓଡ଼ିଶାର ମିଷ୍ଟାନ୍ନଗୁଡ଼ିକ ମଧ୍ୟରେ ରସଗୋଲା ଗୁରୁତ୍ୱ ବହନ

କରିଥାଏ। ରସଗୋଲାର ପରମ୍ପରା ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ରଥଯାତ୍ରା ସହ ଜଡିତ ହୋଇଥିବାରୁ ପ୍ରତିବର୍ଷ ଆଜିର ଦିନରେ ରସଗୋଲା ଦିବସ ପାଳନ କରାଯାଉଛି। ରଥଯାତ୍ରାର ଶେଷପର୍ଯ୍ୟାୟରେ ନୀଳାଦ୍ରି ବିଜେ ସମୟରେ ବଡ଼ଦେଉଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା' ଲକ୍ଷ୍ମୀଙ୍କର ମାନଭଞ୍ଜନ ପାଇଁ ରସଗୋଲା ଖୁଆଇବାର ୬ ଶହ ବର୍ଷ ପୁରୁଣା ପରମ୍ପରା ରହିଛି। ଆଜି ଗୋଟିଏ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରସଗୋଲା ଲାଗି କରାଯାଇଥାଏ। ୨୦୧୫ ମସିହା ଜୁଲାଇ ମାସ ୩୦ ତାରିଖରୁ ରସଗୋଲା ଦିବସ ପ୍ରଥମେ ଆରମ୍ଭ ହୋଇଥିଲା ଏବଂ ୨୦୧୯ ମସିହା ଜୁଲାଇ ମାସ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ **ଜିଆଇ** ମାନ୍ୟତା ମିଳିଥିଲା।

## ସ୍ୱନକ୍ଷତ୍ର ଦିବସ

**ବୌଦ୍ଧ** ଜିଲ୍ଲା ସଂଗ୍ରହାଳୟଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱ-ନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

କଳାହାଣ୍ଡି ଜିଲ୍ଲା ସଂସ୍କୃତି ପରିଷଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଭବାନୀପାଟଣା ବାଳିକା ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ ଦିବସରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜିଲାର ୧୩ଟି ବ୍ଲକ୍‌ରୁ ଛାତ୍ରଛାତ୍ରୀମାନେ

ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ପୁରସ୍କୃତ କରିଥିଲେ।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।